ଭୀଷ୍ମଙ୍କ ବିବାହ ପ୍ରସ୍ତାବ
ବଦନ୍ତି ଅଗସ୍ତି ଶୁଣ ହୋ ଯୁଗପତି
ଚିତ୍ରବୀର୍ଯ୍ୟ ବିଚିତ୍ରବୀର୍ଯ୍ୟ ବିଭାର ଯୁଗତି । ୧ ।
କନ୍ୟାନ୍ତ ଘେନିଣ ଯେ ବିଳସନ୍ତି କୁମରେ
ସନ୍ତାନ ଜାତ ନୋହିଲା ପୁତ୍ରଙ୍କର କୋଳେ । ୨ ।
ଦେଖିଣ ବିରସ ଶାୟେନ୍ତନୁ ମହରଷି
ଗଙ୍ଗାର ଶାପ ମନରେ ଉପଲେସି । ୩ ।
ବିଶେଷେ ମାହେଶ୍ୱରୀ ଆବର ନିଜମାତା
ଗଙ୍ଗାର ଶାପ୍ୟ ସେ ପ୍ରତକ୍ଷେଣ ବିଧାତା । ୪ ।
ମନରେ ବିଚାରି ସେ ଭାଳନ୍ତି ତପନିଷ୍ଠି
କେମନ୍ତେ ପୁତ୍ର ମୋର ମାତା ଶାପ ମେଣ୍ଟି । ୫ ।
ମନେ ମନେ ବିଚାର କରନ୍ତି ତପୋଧନି
ଶାପ ବଞ୍ଚାଇବାକୁ ବୁଦ୍ଧି କରନ୍ତି ମହାଗ୍ୟାନୀ । ୬ ।
ଅନେକ ଯାଗ ଯଜ୍ଞ ମନ୍ତ୍ର ଯେ ବରଣ
ତଥାପି ଗଙ୍ଗାର ଶାପ ନ ଗଲା ମେଣ୍ଟଣ । ୭ ।
ଅପୁତ୍ରିକ ହୋଇଲେ ଚିତ୍ର ବିଚିତ୍ରବୀର୍ୟ୍ୟେ
ସନ୍ତାନ ନୋହିଲା ସେ ବଂଶର ଗ୍ରାହିଜ୍ୟେ । ୮ ।

--------

୩ ।୧ ଦେଖିଣ ବିଚାରିଲେ ଶାୟେନ୍ତନୁ ମହାରଷି ।
୩ ।୨ ଉପଲେସି-ଉପନ୍ୟାସିରୁ ଉପଲେସି, ଭାବି ।

ବିଚାରନ୍ତି ମହାତମା ସୋମବଂଶ ଆଧିପତି
ଭୀଷ୍ମଙ୍କୁ ରାଇଣ ସେ ମହାରଷି ପଚାରନ୍ତି । ୯ ।
ତୁ ବାବୁ ପ୍ରଦାନ ହୋଅସି କୁମାରୀ
ବଂଶକୁ ରକ୍ଷା କର ସନ୍ତାନ ଜାତ କରି । ୧୦ ।
ୟେତେକ ବିଚାର ସେ କରିଣ ମହରଷି
ଭୀଷ୍ମଙ୍କ ପାଇଁ କନ୍ୟା ସେ ଲୋଡନ୍ତି ସୋମବଂଶୀ । ୧୧ ।
ସେହି ପଦ୍ମଦଳ ଦେଶେ ପଦ୍ମନାଭ ନୃପତି
ଅମ୍ବା କନ୍ୟା ବୋଲି ତାର ଆରେକ ଦୋହିତି । ୧୨ ।
ତାହାକୁ ସୟମ୍ବର ସେ କଲାକ ନୃପମଣି
ଲକ୍ଷେକ ନୃପତି ସେ ବରଣ କରି ଆଣି । ୧୩ । ସଂଖ୍ୟା
ଅନେକ ଉତ୍ସବ ସେ କଲାକ ମଳୟାନିଳ
ଆରମ୍ଭେ ମିଳିଲେ ଯାଇଁ ସମସ୍ତ ମହୀପାଳ । ୧୪ ।
ସମସ୍ତ ରାଜାଙ୍କୁ ଦିଅଇ ମଣୋହିଂ
ଅଶ୍ୱ ଗଜଙ୍କୁ ବାରି ଘାସ ଚରଣି ସମସ୍ତ ତୁଲାଇଂ । ୧୫ ।
ଆହୋ ଦ୍ୱାଦଶ ଯୋଜନ ଯେ ଛାୟାର ମଣ୍ଡପ number
ୟେସନେକ ସ- ଦ ଯେ କରିଅଛି ନୃପ । ୧୬ । ସଂଖ୍ୟା
ପୃଥିବୀରୁ ବରି ଆଣିଲେ ଚାରି ଊଣା ଲକ୍ଷେକ ନୃପତି number ୧ ଲକ୍ଷରୁ ୪ କମ୍
ଅନେକ ସମୃର୍ବେଣ ସେ ବସିଣ ଅଛନ୍ତି । ୧୭ ।
ବଦୟନ୍ତି ଅଗସ୍ତି ଶୁଣ ହୋ ରାଜ ସାଇଁ
ଶାୟେନ୍ତନୁକୁ ଚାରଗଣେ ନିମନ୍ତ୍ରଣ କଲେ ଯାଇଂ । ୧୮ ।
ଅମ୍ବାର ସୟମ୍ବର ଉତ୍ସବ ବୋଲନ୍ତି ନିମନ୍ତ୍ରଣେ
ଭୀଷ୍ମ ବୋଲନ୍ତି ହୋ ଶୁଣ ଚାରଗଣେ । ୧୯ ।
ଆହୋ ବୋଲନ୍ତି ଗାଙ୍ଗେୟ ପଦ୍ମଦଳ ମଦ୍ରକଲା

ଦୁଇ ଦୋହିତା ଆମ୍ଭ ଦୁଇ ଭାଇନ୍ତ ଦେଲା । ୨୦ ।
ଆରେକ କନ୍ୟା ଯେବେ ଅଛଇଂ ତାହାର
ଆମ୍ଭଙ୍କୁ ସେ କନ୍ୟା ପ୍ରଦାନ କରୁ ଦଣ୍ଡଧର । ୨୧ ।
ୟେତେକ ବିଚାରି ସେ ଚାରଗଣ ସମସ୍ତେ
ପଦ୍ମଦଳ ଦେଶକୁ ଯେ ବାହୁଡିଲେ ଦୂତେ । ୨୨ ।

ପଦ୍ମନାଭ ରାଜାକୁ କହିଲେ ବେଗେ ଯାଇ ଚାର
ଭୋ ଦେବ ନାଶ ଗଲା ୟେ ତୋହୋର ସୟଂବର । ୨୩ ।
ଆମ୍ଭେ ଅନେକ ଦେଶ ୟେ ନିମନ୍ତ୍ରଣ କରି ଗଲୁଂ
କୁଞ୍ଜଗଳ ଦେଶେ ଯାଇଂ ପ୍ରବେଶ ହୋଇଲୁଂ । ୨୪ ।
ଶାୟେଂତନୁକୁ ନିମନ୍ତ୍ରଣ କଲୁ ମାଳା ଦେଇ
ଭୀଷ୍ମ ବୋଇଲେ ଆମ୍ଭନ୍ତ କତିରେ ବସାଇ । ୨୫ ।
ଅମ୍ବିକା ଅମ୍ବାଳିକା କନ୍ୟା ଚିତ୍ର ବିଚିତ୍ରବୀର୍ଯ୍ୟକୁ ଦେଲେ
ଆରେକ କନ୍ୟା ଯେବେ ଅଛି ମୋତେ କି- ।ଇଂ ନ ବରିଲେ । ୨୬ ।
ଆହୋ ଚାରଗଣେ ତୁମ୍ଭେ କହ ବେଗେ ଯାଇଂ
ଅମ୍ବା କନ୍ୟାକୁ ଭୀଷ୍ମେ ବୋଇଲେ ଆମ୍ଭଙ୍କୁ ଦେବା ପାଇଂ । ୨୭ ।
ଶୁଣିଣ ବିରସ ଯେ ହୋଇଲେ ନୃପତି
ଆଗହୁଂ ନ ଫୁଟରେ ଗୋପ୍ୟ କର ରୀତି । ୨୮ ।
ଲକ୍ଷେ ରାଜା ହାଦେ କରି କଲି ସୟମ୍ବର
ଅନେକ ଆରମ୍ଭେଣ ବସିଲେ ନୃପବର । ୨୯ ।
ଆହୋ ଯତନେଣ ଆଣିଲି ମୁଂ ସୟଂମ୍ବର ନିମନ୍ତେ
ନାସ୍ତି କଲେ ରାଜାୟେ କି ଜୀଆଂଇବେ ମୋତେ । ୩୦ ।
ଶୁଣିଣ ଚାରଗଣେ ହୋଇଲେକ ମନେ ତୁଷ୍ଟି
ବହନ କରି ଆଣିଲେ ସଭାକୁ କନ୍ୟା ଗୋଟି । ୩୧ ।
ମାଗୋ ରାଜାନ୍ତ ନିମନ୍ତ୍ରିଲି ତୋହୋରି ନିମନ୍ତେ
ବରବେଶ ହୋଇ ୟେବେ ବସିଲେ ନୃପନାଥେ । ୩୨ ।
କନ୍ୟାକଇଂ ଦେଖାବନ୍ତି ସୟମ୍ବର ବିଧାନେ
ମାଳା ଦେଇ ବର ଗୋ ଯାହାକୁ ଇଛା ତୋର ମନେ । ୩୩ ।
ଆହୋ ୟେମନ୍ତ ସମୟେ ଭୀଷ୍ମଙ୍କର ଦୂତ
ମନ୍ମଥ ସେନାପତି ଘେନିଣ ଶତେକ ରଥ । ୩୪ ।
ସୟମ୍ବର ସ୍ଥାନେ ଆସି ପ୍ରବେଶ ହୋଇଲେ ମନ୍ମଥ
ବୋଲନ୍ତି ଚାରଗଣେ ଆମ୍ଭେ ଭୀଷ୍ମଙ୍କର ଦୂତ । ୩୫ ।
ଯେବଣ କନ୍ୟାକୁ କରୁଅଛ ସୟମ୍ବର
ସେ ଅବା କନ୍ୟାକୁ ତୁ ଭୀଷ୍ମଙ୍କୁ ପ୍ରଦାନ କର । ୩୬ ।
ପଦ୍ମନାଭ ବୋଇଲେ ସେ ଗାଙ୍ଗେବ ମହାକ୍ଷତ୍ରୀ
ଆଗହୁଂ ଜାଣିଥିଲେ କି- ।ଇ ସୟମ୍ବର କରନ୍ତି । ୩୭ ।
ଦେଖ ୟେବେ ସୟମ୍ବର କଲଇଂ ଲକ୍ଷେକ ରାଜା ଆଣି
ୟେହା ଭାଙ୍ଗିଣ କି ପାରିବି ୟେହିକ୍ଷିଣି । ୩୮ ।     ସଂଖ୍ୟା
ମନ୍ମଥ ବୋଇଲା ତୁମ୍ଭେ ହୋ ଶୁଣ ରାଜାମାନେ
ତୁମ୍ଭେ ଯେ ଅଇଲ ସୟମ୍ବର ବିଧାନେ । ୩୯ ।
ୟେ ପଦ୍ମନାଭ ରାଜାର ବେନି ଯେ କୁମାରୀ
ଚିତ୍ର ବିଚିତ୍ରବୀର୍ଯ୍ୟଙ୍କୁ ପ୍ରଦାନ ତାହାଙ୍କରି । ୪୦ ।
ଅମ୍ବେ କନ୍ୟାକୁ ଭୀଷ୍ମ ଦେବଙ୍କୁ ଦେବା
ୟେ କନ୍ୟାକୁ ପ୍ରଦାନ ହୋଇବେ ଗାଙ୍ଗବା । ୪୧ ।
ତୁମ୍ଭେ ହୋ ବିଚାର ସମସ୍ତ ରାଜାଗଣ

ଭୀଷ୍ମେ ବିଜେ ହାଦେ କରିବେ ଯେହି କ୍ଷଣ । ୪୨ ।
ଯେବେ ହୋ ତୁମ୍ଭେ କରିବ ଅବଗ୍ୟାଂ
ଭୀଷ୍ମଙ୍କର ଛାମୁକୁ ତୁମ୍ଭର କିସ ଯେ ପ୍ରତଗ୍ୟାଂ । ୪୩ ।
ରାଜାଗଣମାନ ଶୁଣି ସମସ୍ତେ ଭୟ କଲେ
ଭୀଷ୍ମଙ୍କର ଆଗତ ଶୁଣି ସେ ସଭାରୁ ଉଠିଲେ । ୪୪ ।
ସମସ୍ତ ରାଜାୟେ ବୋଇଲେ ପଦ୍ମନାଭକୁ ରାଇ
ଆମ୍ଭେ ଯାଉଅଛୁ ଯେ ଯାହା ଭୁବନକଇଂ । ୪୫ ।
ଯେ କନ୍ୟାକୁ ତୁମ୍ଭେ ପ୍ରଦାନ କରସି ହୋ ଭୀଷ୍ମଙ୍କୁଂ
ଗାଙ୍ଗେବର ଭୟ ଯେ ଲାଗିଲା ଆମ୍ଭଙ୍କୁ । ୪୬ ।
ପଦ୍ମନାଭ ବୋଇଲେ ମୁଂ ଯେ ବରିଲି ତୁମ୍ଭନ୍ତ
ଅବଶ୍ୟ ପ୍ରଦାନ ମୁଂ କରିବି ଦୋହିତ । ୪୭ ।
ରାଜାମାନେ ବୋଇଲେ ହୋ ଯେତେ କାହାର ସାହାସ
ଜଳନ୍ତା ଜୋଇରେ କେହୁ ନେଇଣ ଦେବ ଝାସ । ୪୮ ।
ଯେତେ ବୋଲି ରାଜାଙ୍କୁ ଲାଗିଲା ବଡ ଭୟେ
ସୟମ୍ବର ଭଗ୍ନ କରି ପଳାଇଲେ ସର୍ବରାୟେ । ୪୯ ।
------
୪୮ ।୨ ଜୋଇ-ଜ୍ୟୋତି-ଅଗ୍ନି

ସଭା ଭଗ୍ନ କରି ତହୁଂ ଚଳିଲେ ସମସ୍ତ ନୃପତି
ଅନେକ ଅଭିମାନେ ଗଲେ ଯେ ଯାହାର କ୍ଷିତି । ୫୦ ।
ପଦ୍ମନାଭ ରାଜା ଅନେକ ସାନନ୍ଦ
ଭୀଷ୍ମକୁ କନ୍ୟା ଦେବୀ ବୋଲି ବଡାଇ ଆହ୍ଲାଦ । ୫୧ ।
ଗଙ୍ଗାର ନନ୍ଦନ ଯେବେ ହୋଇବେ ମୋହୋର ଜୁଆଇଂ
ଯେହାଉଂ ଭାଗ୍ୟମୁହିଂ ଆଉ ଅବା ପାଇବଇଂ କାହିଂ । ୫୨ ।
ଦୋହିତାକୁ କୋଳେ ଧରି ବୋଇଲା ପଦ୍ମନାଭ ରାଜନ
ଅନେକ ପୁଣ୍ୟ ଯେ ତୋହୋର ସାଧୁ ସାଧୁ ଜୀବନ । ୫୩ ।
ଗଙ୍ଗାର ନନ୍ଦନ ତୋର ହୋଇବା ହାଦେ ବର
ପଞ୍ଚୁ କଟକରେ ସେ ଅଟଇ ଠାକୁର । ୫୪ ।
ଅମର ବର ପାଇଛି ଯାହାର ମୃତ୍ୟୁ ଇଛା
ଜଗଜ୍ଜିତା ନାଥ ସେ ଅଭୟେ ବର ବାଞ୍ଛା । ୫୫ ।
ଅନେକ ଉତ୍ସବ ଯେ କରଇ ନରସାଇଂ
ପରମ ସାନନ୍ଦେଣ ଯେ ଦିଲା ଅନେକ ବଧାଇ । ୫୬ ।
ଯେସନେକ ସମୟେ ଯେ ଜଣାଇଲେ ନରପତି
ମନ୍ମଥ ସେନାପତିକି ରାଇ ସେ ବୋଇଲେ ଚକ୍ରବ୍ରତୀ । ୫୭ ।
ଆହୋ ବହନ ହୋଇ ଯାଇ ତୁ କହ ଶାୟେନ୍ତନୁକୁ
ସତ୍ୟ କଲି କନ୍ୟା ମୁଂ ଯେ ଦେବଇ ଭୀଷ୍ମଙ୍କୁ । ୫୮ ।
ପ୍ରତକ୍ଷେ ଦେଖିଲ ହୋ ଭାଙ୍ଗିଲା ସୟମ୍ବର
ଭୀଷ୍ମକୁ ଦେବଇଂ କନ୍ୟା ସତ୍ୟ ସତ୍ୟ ଯେ ମୋହୋର । ୫୯ ।
ଆଗ୍ୟାଂ ପ୍ରମାଣେ ସେ ଗଲାକ ଦୂତପତି
ଭୀଷ୍ମଙ୍କ ଛାମୁରେ ଯାଇଂ ପ୍ରବେଶ ତତତି । ୬୦ ।
କରପତ୍ର ଯୋଡିଣ ସେ ସେନାପତି କହିଲା
ତୋହୋର ଆଗ୍ୟାଂୟେ ଦେବ ସୟମ୍ବର ଭାଙ୍ଗିଲା । ୬୧ ।
ଅନେକ ସାନନ୍ଦ ରାଜା ହୋଇଲା ତୋହୋର ଯେ ନାମେ
ବହୁତ ହରଷ ହୋଇଲା ରାଜା ତୁମ୍ଭ ଅନୁକର୍ମେ । ୬୨ ।
--------

୬୨ ।୨  ଅନୁକର୍ମେ-ଅନୁକ୍ରମେ

ସ୍ୱାମୀ ବହନ ଯିବା ଚାଲ ସାଜ ଯେବେ ସଇନି
ପ୍ରୋହିତ ହକାରି ବିଭା ଅନକୂଳ ଘେନି । ୬୩ ।

ଅମୃତ ଯୋଗେ ମକର ଶୁକଳ ସପତମୀ            horoscope
ସେ ଦିନ ଅନକୂଳ କଲେ କୁରୁରାଜସ୍ୱାମୀ । ୬୪ ।
ବାହୁଡାଇ ଚାରଗଣେ ପେଷିଲେ ବେଗେଁ ଦୂତ
ମକର ଶୁକଳ ସପତମୀ ବିଭା ଯୋଗ ଅମୃତ । ୬୫ ।
ଚାରଗଣେ କହିଲେ ଯାଇଂ ପଦ୍ମନାଭରାଜା ଆଗେ
ମଙ୍ଗଳ ଘେନିଲା ରାଜା ତୁମ୍ଭର ଅନକୂଳ ଯୋଗେ । ୬୬ ।
ବରବେଶ ହୋଇଛନ୍ତି ଭୀଷ୍ମ ମହାରଥୀ
ଗଙ୍ଗାଉ ଉଦେ ଯେ ଅନେକ ବିଦ୍ୟା ଭଗତି । ୬୭ ।
ନ ଚାହିଁ ନ ପଢି ଶିଖିଲ ଅକ୍ଷର ଲେଖନ
ଗୁରୁ ବିହୁନେ ଶିଖିଲେ ଅନେକ ବିଦ୍ୟାମାନ । ୬୮ ।
ମନ୍ତ୍ରେଣ ଶହସ୍ରେଣ ଯେ ହୋଇଲେ ଭଗତି

ଅଣଗୁରୁ ବିଦ୍ୟା ଶିଖିଲେ ଭୀଷ୍ମ ମହାରଥୀ । ୬୯ ।            self taught
ବିଭାଯୋଗ ଘେନି ସେ ସଜ ହୋଅନ୍ତି କୁରୁବୀରେ
ଶୁଭ ମଙ୍ଗଳ ଯୋଗ ଦିଅନ୍ତି ପାରେଶ୍ୱରେ । ୭୦ ।
ଭୀଷ୍ମ ରୁହାଇଲେ ପ୍ରଶୁରାମଙ୍କ ସହିତେ
ହରିରାମ ନୀଳରାମ ରଘୁରାମ ଚାରିଭ୍ରାଥେ । ୭୧ ।
ବିଶ୍ୱାମିତ୍ର ଆଦିକରି ଅଟନ୍ତି ବ୍ରହ୍ମଚାରୀ
ଯଦୁରାମ ଆଦିକରି ଅଟନ୍ତି ପ୍ରବେଶ ବାରୁଣାବନ୍ତ ପୁରୀ । ୭୨ ।
କାଶୀଶ୍ୱର ରାଜା ଯେ ନିର୍ଝର ଗଣପତି
ରତୁପର୍ଣ୍ଣ ସଦାନନ୍ଦ ଆବର ଅନେକ ବୀରଚକ୍ରବ୍ରତୀ । ୭୩ ।
ଅରୁଣସେନ ମାଧବସେନ ବିକ୍ରମସେନ ରାୟେ
ବନ୍ଧୁ ଯୋଗେଣ ଯେ ଯାହାର ଦଣ୍ଡଘେନି ଆୟେ । ୭୪ ।
ୟେସନେକ ଦ୍ୱାରେ ବାଜଇ ବୀରତୂର
ଅନେକ ଥାଠ ସଇନି ମହା ଯେ ସମ୍ଭର । ୭୫ ।
ଅନେକ ଅପକ୍ଷରୀ କରନ୍ତି ନୃତ୍ୟ ଗୀତ
ମଙ୍ଗଳ କୟେବାର ତହିଁ କରନ୍ତି ଚଣ୍ଡପୁତ୍ର । ୭୬ ।
-------
୭୬ ।୨  କୟେବାର-ସ୍ତୁତି ।
୭୬ ।୨  ଚଣ୍ଡପୁତ୍ର-ସ୍ତୁତିପାଠକ ।

ରଥ କୋଟିୟେ ଯେ ଗଜ ପାଞ୍ଚ ଖର୍ବ

ବାର ପରାଉଧ ଖୁରୁସାଣି ଚୋଖାର ତୁରଙ୍ଗବ । ୭୭ । ସଂଖ୍ୟା number        foreign
ଉଦ୍ଦଣ୍ଡ ପାଟଛତ୍ର ଆଲମ୍ବ ପାଞ୍ଚଲକ୍ଷି
ଉଭାରିଲେ ଦାଣ୍ଡେ ଯେହ୍ନେ ଦିବସେ ସୂର୍ଯ୍ୟ ନ ଦେଖି । ୭୮ ।
ଟମକ ନିଶାଣ ଢୋଲ ତୁର ଶଙ୍ଖ ନାଦେ
ଅକାଶ ଉଚ୍ଛୁଳଇ ହୋ ଗର୍ଜନ ଶବଦେ । ୭୯ ।
ଲକ୍ଷେକ ଗୋଦୋହନ କରାନ୍ତି ଶିବ ଆଳେ
ବିଷ୍ଣୁ ବରଣେ ତିଳିଲକ୍ଷ ବ୍ରାହ୍ମଣ ଜପନ୍ତି ମନ୍ତ୍ରବଳେ । ୮୦ । ସଂଖ୍ୟା
ଦେବୀଙ୍କି ଅନେକ ହାଦେ ଶୀତଳଦ୍ରବ୍ୟ ପୂଜା
ପୋଢ ମେଷ ଛାଗଳ ଦିଅନ୍ତି ବଳିଭୋଜା । ୮୧ ।

ଗ୍ରହ ଶାନ୍ତି ମନ୍ତ୍ର ତହିଂ ପଢନ୍ତି ଗଣକେ
ଚାରି ଦ୍ୱାରେ ଅନ୍ନଛତ୍ର ଦିଅନ୍ତି ଯେ ଲୋକେ । ୮୨ ।
ମୃଦଙ୍ଗ ତାଳ କଂସାଳ ରସବେଣୀ
ସ୍ୱର୍ଗର ଅପଛରୀ ଭରହର ଗାୟେଣୀ । ୮୩ ।
ଆହୋ ଭିତରେଣ ଦେବପୂଜା ସାରିଣ ଗାଙ୍ଗବେ
ବ୍ରହ୍ମା ବରଣପୂଜା ସାରିଣ ସର୍ବ ଦେବେ । ୮୪ ।
ବରବେଶ ହୋଇଣ ଧବଳାଙ୍ଗୀର ବଳା
ଅନେକ ସ୍ତୁତି ସେ କରନ୍ତି ଦେବୀ ସର୍ବମଙ୍ଗଳା । ୮୫ ।
ନମୋ କାତ୍ୟାୟିନୀ ଗୋ ବିଂଝଗିରିବାସୀ
ଦେବଙ୍କର ତେଜ ଘେନି ଯାହାର ଶରୀର ପରକାଶି । ୮୬ ।
ସହସ୍ରେକ ଭୁଜ ଦେବୀ ତୋର ଅନେକ ଆୟୁଧ
ମାନନୀ ରୂପଧରି ଅସୁର କଲୁ ବଧ । ୮୭ । ସଂ
ଅଭୟ ପିଙ୍ଗଳାକ୍ଷୀ ଗୋ ନାଶକର ଦର୍ପ ଭାଞ୍ଜି
ନବ କୋଟି କାନ୍ତାନୀ ଯାହାର ଶରୀରୁ ଉପୁଜି । ୮୮ । ସଂ

--------

୭୭ ।୨ ଖୁରୁସାଣି-ଖୁରାସାଣୀ-ଇରାନ ଦେଶସ୍ଥ ଖୁରୁସାଣୀ ଜିଲା । ଚୋଖାର-ତେଜୀୟାନ ଘୋଡା ।
୮୩ ।୧ ରସବେଣୀ-ବାଦ୍ୟ ବିଶେଷ । ୮୩ ।୨ ଭରହର-ଉତ୍କୃଷ୍ଟ ।

ଅଘୋର ରୂପ ଟହଟହ ହାସମୁଖୀ
ଆକାଶ କ୍ଷେପଣୀ ଗୋ ନିଷ୍ଚିନ୍ତ ବେନି ଆଖି । ୮୯ ।
ଡିବି ଡିବି ବାଦ୍ୟ ମା ଗୋ ଶ୍ରୀଭୁଜେ ଡମ୍ବରୁ
ଶମଶାନେ ଭ୍ରମଣୀ ଗୋ ନର ଅସ୍ଥିମାଳା ଉରୁ । ୯୦ ।
ହାଣ ହାଣ ମାର ମାର ଡାକେଶ୍ୱରୀ ଡାକେ ତୋଳି
ରଣରଙ୍ଗ ମଛନୀ ନାଚନ୍ତି କୁତୋହଳୀ । ୯୧ ।
ବିବସନସାହୀ ମା ଗୋ ମତ୍ତ ଯେ ମାତାଙ୍ଗୀ
ରସନ ଝଟନ ବିହ୍ୱତ ଦାଢ ଲାଗି । ୯୨ ।
ଆକାଶେଣ ଦୃଷ୍ଟି ଗୋ ପାତାଳେଣ ଦୃଷ୍ଟି
ବାହାନ ଇଛିଲୁ ମାଗୋ ଗଜରିପୁ ପିଠି । ୯୩ ।
କାଳ କାମ ନିଦ୍ରା ଗୋ ମୋହନୀ କାମସେଣା
ଉତଙ୍ଗ ମାଳ ହୃଦେ ଗୋ ବାହୁଟି କଙ୍କଣା । ୯୪ ।
ଜଟା କୁଣ୍ଡଳୀ ଗୋ ଭୂଷଣ୍ଡି ଘୁମୁରା
ବକ୍ଷସ୍ଥଳେ ଲୁଳଇ ଯାର ମନ୍ଦାରମାଳା ହାରା । ୯୫ ।
ଚଞ୍ଚପୁଟ ଚାଞ୍ଚପୁଟ ନୃତ୍ୟ ରଙ୍ଗେଣ ଭୋଳୀ
ହାକେଣୀ ଡାକେଣୀ ଗୋ ରଣରଙ୍ଗେ କୁତୋହଳୀ । ୯୬ ।
ଚନ୍ଦ୍ରଘଣ୍ଟା ମହାମାୟା ବିଜୟା ବିରୂପା
ଟହ ଟହ ହାସ ଗୋ ମହାପିଙ୍ଗଳା ମହାତପା । ୯୭ ।
ଯୋଗେଣ ଯୋଗେଶ୍ୱରୀ ଗୋ ଜୟତୁ ଜୟ ଗୋସାମଣୀ
ଅପାଦଖଣ୍ଡଣୀ ଗୋ ସୁରଲୋକରକ୍ଷଣୀ । ୯୮ ।
ଶ୍ରୀଚଣ୍ଡୀ ସାରୋଳା ସର୍ବମଙ୍ଗଳା ପରସାଦେ
ଶ୍ରୀ ମହାଭାରଥ ଆଦିପର୍ବ ଶାହାସ୍ର ସଂବାଦେ । ୯୯ । praying Sarala
ଶ୍ରୀମଙ୍ଗଳା ନାମ ଗୋଟିକି ମୋର ତଲ୍ଲୟେ ଧ୍ୟାୟେ
ଶୂଦ୍ରମୁନି ସାରୋଳା ଦାସକୁ ପ୍ରସନ୍ନ ହୋଅ ମାୟେ । ୧୦୦-୫୮୪ ।

---------

୯୦ ଡିବି ଡିବି ଡମ୍ବରୁ ଗୋ ଶ୍ରୀଭୁଜେଣ ବାଜେ
ଖଡଗ ଖପର ତୋହୋର ହସ୍ତରେ ବିରାଜେ ।

୯୩ ।୧ ଆକାଶେଣ ଓଷ୍ଠ ଗୋ ପାତାଳେଣ ଦୃଷ୍ଟି ।

୯୪ ଡଙ୍କାଣୀ କଙ୍କାଳୀ କାମସେନୀ ମୋହିନୀ ଦୁଲଣା
କାଳ କାମ ନିଦ୍ରା ତୁ ମୋହିନୀ କାମସେଣା ।

୯୫ ।୧ କଡା କୁଣ୍ଡଳୀ ଗୋ କଷଣୀ ଘୁମୁରା ।

୯୭ ।୧ ଯମଘଣ୍ଟା ମହାତେଜି ନିରୁଜା ବିରୂପା ।

୯୨ ।୧ ବିବସନସାହୀ–ବିବସନଶାୟୀ । ଶାୟୀରୁ–ସାହୀ ।

୯୨ ।୨ ରସନ–ଜିହ୍ୱା, ଝଟନ–ଝଟକିବା, ବିହଡ–ବିକଟ, ଦାଢ–ଦଂଷ୍ଟ୍ରା–ଦାନ୍ତ

୯୬ ।୧ ଚଞ୍ଚପୁଟ, ଚାଞ୍ଚପୁଟ–ନୃତ୍ୟ ବିଶେଷ ।

୯୭ ।୧ ଚନ୍ଦ୍ରଘଣ୍ଟା–ତୃତୀୟଂ ଚନ୍ଦ୍ରଘଣ୍ଟେତି । ଦେବୀଙ୍କ ତୃତୀୟ ନାମ – ଦେବୀକବଚ ।

୯୮ ।୨ ସୁଦୟା କର ମୋତେ ଗୋ ଚଣ୍ଡିକା ନାୟେକାଣୀ ।